# NMMS - SAT

**Roll No. :** | 3 | 2 | 2 | 2 | 0 | | | | | | | |

Booklet Sl. No. : 233265

| | | | | |
|---|---|---|---|---|
| Time | : 90 Minutes | **SMS - 2019-20** | ସମୟ | : ୯୦ ମିନିଟ୍ |
| Full Mark | : 90 | | ପୂର୍ଣ୍ଣ ସଂଖ୍ୟା | : ୯୦ |
| No. of Items | : 90 | **PAPER - II** | ପ୍ରଶ୍ନ ସଂଖ୍ୟା | : ୯୦ |
| No. of Pages (including rough work) | : 24 | | ପୃଷ୍ଠା ସଂଖ୍ୟା | : ୨୪ |

## INSTRUCTIONS TO CANDIDATES

Read the following instructions carefully before you open the Question Booklet :

1. A separate OMR Answer Sheet is supplied for writing the answers. Write down your Application Form No. & 12 digit Roll Number on it as per your Admission Card and darken the appropriate circles on the answer sheet.
2. Do not write anything in this Booklet except the 12 digit Roll No. However you can use the blank pages provided for the rough work at the end of this Booklet.
3. Start answering when you are told to do so. Do not turn the pages before that.
4. Answer all the questions. Each question has four probable answers of which one is correct. You have to choose the correct one and blacken your choice in the OMR Answer Sheet by a black/blue ball point pen. Use of pencil is not allowed. If your choice is second response then answer like this.

   (A) ● (C) (D)

5. For wrong answer, there is no deduction of marks. One mark shall be awarded for each correct response.
6. **No mark will be awarded for a question if a candidate darkens more than one choice.**
7. Return the Answer Sheet only to the invigilator as soon as the final bell rings.

## ପରୀକ୍ଷାର୍ଥୀଙ୍କ ପାଇଁ ନିର୍ଦ୍ଦେଶାବଳୀ

ପ୍ରଶ୍ନ ପୁସ୍ତିକା ଖୋଲିବା ପୂର୍ବରୁ ନିର୍ଦ୍ଦେଶାବଳୀକୁ ଧ୍ୟାନପୂର୍ବକ ପଢ଼।

୧. ଉତ୍ତର ଲେଖିବା ପାଇଁ ଖଣ୍ଡିଏ ଅଲଗା OMR ଉତ୍ତର କାଗଜ ଦିଆଯାଇଛି। ସେଥିରେ ତୁମର ଆଡ୍‌ମିଶନ୍ କାର୍ଡ଼ରେ ଲେଖାଥିବା ଦରଖାସ୍ତ ଫର୍ମ ନମ୍ବର ଏବଂ ବାର ଅଙ୍କ ବିଶିଷ୍ଟ ରୋଲ ନମ୍ବର ଲେଖ ଏବଂ ଉତ୍ତର ଫର୍ଦ୍ଦର ଉପଯୁକ୍ତ ଗୋଲେଇକୁ କଳା କର।

୨. ରୋଲ ନମ୍ବର ବ୍ୟତୀତ ଅନ୍ୟ କିଛି ଏହି ପୁସ୍ତିକାରେ ଲେଖ ନାହିଁ। କିନ୍ତୁ ରଫ୍ କାମ ପାଇଁ ଉଦ୍ଦିଷ୍ଟ କାଗଜରେ ରଫ୍ କାମ କରିପାର।

୩. ଯେତେବେଳେ କୁହାଯିବ ଉତ୍ତର ଦେବାକୁ ଆରମ୍ଭ କର ତା ପୂର୍ବରୁ ପୃଷ୍ଠାଗୁଡ଼ିକୁ ଓଲଟାଅ ନାହିଁ।

୪. ସମସ୍ତ ପ୍ରଶ୍ନର ଉତ୍ତର ଦିଅ। ପ୍ରତ୍ୟେକ ପ୍ରଶ୍ନର ଚାରୋଟି ସମ୍ଭାବ୍ୟ ଉତ୍ତର ଦିଆଯାଇଛି। ସେଥିରୁ ଗୋଟିଏ ହେଉଛି ଠିକ୍ ଉତ୍ତର। ଠିକ୍ ଉତ୍ତରଟି ବାଛି OMR କାଗଜରେ ଥିବା ଗୋଲେଇଟିକୁ କଳା କର। ଏଥିପାଇଁ ବ୍ଲାକ୍ କିମ୍ବା ବ୍ଲୁ ବଲ୍‌ପଏଣ୍ଟ ପେନ୍ ବ୍ୟବହାର କରିପାର। ପେନ୍‌ସିଲ୍ ବ୍ୟବହାର କରିପାରିବ ନାହିଁ। ଯଦି ତୁମେ ଦୁଇ ନମ୍ବର ଗୋଲେଇକୁ ନିଜର ଉତ୍ତର ବୋଲି ବାଛ ତାହା ହେଲେ ଏପରି କରିବ।

   (A) ● (C) (D)

୫. ପ୍ରତ୍ୟେକ ଠିକ୍ ଉତ୍ତର ପାଇଁ ଏକ ନମ୍ବର ଦିଆଯିବ। ଭୁଲ ଉତ୍ତର ପାଇଁ ନମ୍ବର କଟାଯିବ ନାହିଁ।

୬. **ଗୋଟିଏ ପ୍ରଶ୍ନ ପାଇଁ ଯଦି ଗୋଟିଏରୁ ଅଧିକ ଗୋଲେଇ କଳା କର ତାହାହେଲେ କୌଣସି ନମ୍ବର ଦିଆଯିବ ନାହିଁ।**

୭. ଶେଷ ଘଣ୍ଟି ବାଜିବା କ୍ଷଣି କେବଳ OMR ଉତ୍ତର କାଗଜ ନିରୀକ୍ଷକଙ୍କୁ ଦିଅ।

**ASK FOR ANOTHER BOOKLET IF IT IS DEFECTIVE, BEFORE YOU START ANSWERING.**

**ତ୍ରୁଟିଯୁକ୍ତ ପୁସ୍ତିକା ପାଇଥିଲେ ଉତ୍ତର ଦେବା ପୂର୍ବରୁ ବଦଳାଇ ଦିଅ।**

Space for Rough Work

1. Sliding friction depends on which factor ?


(A) Actual area of contact


(B) Weight of body


(C) Velocity of body


(D) None of the above

2. Which of the following is the speed-time graph of a body moving with uniform speed ?

(A) 


(B) 


(C) 


(D) 


3. Two plane mirrors are inclined at an angle 60°. Then, what will be the number of images formed when an object is placed in between them ?

(A) 6 (B) 5

(C) 3 (D) 10

1. ବିସର୍ପୀ ଘର୍ଷଣ ନିମ୍ନଲିଖିତ କେଉଁ କାରକ ଉପରେ ନିର୍ଭର କରେ?


(A) ପ୍ରକୃତ ସଂସ୍ପର୍ଶ କ୍ଷେତ୍ରଫଳ


(B) ବସ୍ତୁର ଓଜନ


(C) ବସ୍ତୁର ପରିବେଗ


(D) ଉପରୋକ୍ତ ମଧ୍ୟରୁ କେଉଁଟି ନୁହେଁ

2. ନିମ୍ନରେ ଦର୍ଶାଯାଇଥିବା ସମୟ-ବେଗ ଗ୍ରାଫ୍ ମଧ୍ୟରୁ କେଉଁଟି ସମାନ ବେଗରେ ଗତି କରୁଥିବା ବସ୍ତୁର ଅଟେ ?

(A) 


(B) 


(C) 


(D) 


3. ଦୁଇଟି ସମତଳ ଦର୍ପଣ ମଧ୍ୟରେ ଆନତ କୋଣ ହେଉଛି 60° । ସେମାନଙ୍କ ମଧ୍ୟରେ ଏକ ବସ୍ତୁ ରଖିଲେ କେତୋଟି ପ୍ରତିବିମ୍ବ ସୃଷ୍ଟି ହେବ ?

(A) 6 (B) 5

(C) 3 (D) 10

4. During day time by which process seashore air flows from water mass to land mass ?

(A) Conduction

(B) Convection

(C) Radiation

(D) None of the above

4. ଦିନ ବେଳା ସମୁଦ୍ରକୂଳରେ ଜଳଭାଗରୁ ସ୍ଥଳଭାଗକୁ ପବନ କେଉଁ ପ୍ରକ୍ରିୟାରେ ଗତି କରେ ?

(A) ପରିବହନ

(B) ପରିଚଳନ

(C) ବିକିରଣ

(D) ଉପରୋକ୍ତ ମଧ୍ୟରୁ କେଉଁଟି ନୁହେଁ

5. According to brightness of body, which of the following part of eye expands and shrinks ?

(A) Cornea

(B) Iris

(C) Pupil

(D) All of the above

5. ବସ୍ତୁର ଉଜ୍ଜ୍ୱଳତା ଅନୁସାରେ ଚକ୍ଷୁର କେଉଁ ଅଂଶ ପ୍ରସାରିତ ବା ସଙ୍କୁଚିତ ହୋଇଥାଏ ?

(A) ସ୍ୱଚ୍ଛ ପଟଳ

(B) ଆଇରିସ୍

(C) ପୁତ୍ତଳୀ

(D) ଉପରୋକ୍ତ ମଧ୍ୟରେ ସବୁଗୁଡ଼ିକ

6. Which of the following relation is **wrong** ?

(A) Force = pressure × volume

(B) Momentum = mass × velocity

(C) Work = force × displacement

(D) Force = mass × acceleration

6. ନିମ୍ନଲିଖିତ ସମ୍ପର୍କ ମଧ୍ୟରୁ କେଉଁଟି ଭୁଲ୍ ଅଟେ ?

(A) ବଳ = ଚାପ × ଆୟତନ

(B) ସଂବେଗ = ବସ୍ତୁତ୍ୱ × ପରିବେଗ

(C) କାର୍ଯ୍ୟ = ବଳ × ବିସ୍ଥାପନ

(D) ବଳ = ବସ୍ତୁତ୍ୱ × ତ୍ୱରଣ

7. Which of the following substance is bad conductor of heat ?

(A) Water (B) Air

(C) Mercury (D) Oil

7. ନିମ୍ନଲିଖିତ କେଉଁ ପଦାର୍ଥଟି ତାପର କୁପରିବାହୀ ଅଟେ ?

(A) ଜଳ (B) ପବନ

(C) ପାରଦ (D) ତେଲ

8. How much time will be taken by a 200 m long train crossing a bridge of length 1000 m with velocity 30 m/sec ?

(A) 30 sec (B) 35 sec

(C) 40 sec (D) 60 sec

8. ଏକ 200 m ଲମ୍ବ ବିଶିଷ୍ଟ ଟ୍ରେନ, 1000 m ଲମ୍ବ ବିଶିଷ୍ଟ ବ୍ରିଜ୍‌କୁ 30 m/sec ପରିବେଗରେ ଅତିକ୍ରମ କରିବାକୁ କେତେ ସମୟ ଲାଗିବ ?

(A) 30 sec (B) 35 sec

(C) 40 sec (D) 60 sec

9. During reflection of light which property changes ?

(A) Velocity

(B) Frequency

(C) Wavelength

(D) None of the above

9. ଆଲୋକର ପ୍ରତିଫଳନ ସମୟରେ କେଉଁ ଭୌତିକ ରାଶିର ପରିବର୍ତ୍ତନ ଘଟେ ?

(A) ପରିବେଗ

(B) ଆବୃତ୍ତି

(C) ତରଙ୍ଗ ଦୈର୍ଘ୍ୟ

(D) ଉପରୋକ୍ତ ମଧ୍ୟରୁ କେଉଁଟି ନୁହେଁ

10. Electrolysis is based on which law ?

(A) Newton's Law

(B) Ampere's Law

(C) Faraday's Law

(D) Pascal's Law

10. ବିଦ୍ୟୁତ୍‌ବିଶ୍ଳେଷଣ କେଉଁ ନିୟମ ଉପରେ ପର୍ଯ୍ୟ ବେସିତ?

(A) ନିଉଟନ୍‌ଙ୍କ ନିୟମ

(B) ଆମ୍ପିୟରଙ୍କ ନିୟମ

(C) ଫାରାଡେଙ୍କ ନିୟମ

(D) ପାସକାଲ୍‌ଙ୍କ ନିୟମ

11. Product of force and time is :

(A) Mass (B) Momentum

(C) Pressure (D) Velocity

11. ବଳ ଓ ସମୟର ଗୁଣଫଳ ହେଉଛି :

(A) ବସ୍ତୁତ୍ୱ (B) ସଂବେଗ

(C) ଚାପ (D) ପରିବେଗ

12. Direction of electric current is opposite to the direction of flow of whom ?

(A) Proton

(B) Neutron

(C) Electron

(D) None of these

12. ବିଦ୍ୟୁତ୍ ସ୍ରୋତର ଦିଗ ନିମ୍ନୋକ୍ତ ମଧ୍ୟରୁ କାହାର ବିପରୀତ ଦିଗର ପ୍ରବାହ ?

(A) ପ୍ରୋଟନ୍

(B) ନିଉଟ୍ରନ୍

(C) ଇଲେକ୍‌ଟ୍ରନ୍

(D) କେଉଁଟି ନୁହେଁ

13. Which of the following is the formula of Sulphurous acid ?

(A) $H_2SO_4$ (B) $H_2SO_3$

(C) $H_2S_2O_7$ (D) $H_2SO_5$

13. ନିମ୍ନଲିଖିତ ମଧ୍ୟରୁ କେଉଁଟି ସଲଫ୍ୟୁରସ ଅମ୍ଳର ସଂକେତ ଅଟେ ?

(A) $H_2SO_4$ (B) $H_2SO_3$

(C) $H_2S_2O_7$ (D) $H_2SO_5$

14. Which of the following is used to make fire proof cloth ?

(A) Bakelite (B) Acrylic

(C) Formica (D) Melamine

14. ନିମ୍ନଲିଖିତ ମଧ୍ୟରୁ କେଉଁଟିରୁ ଅଗ୍ନିନିରୋଧକ କପଡ଼ା ପ୍ରସ୍ତୁତ କରାଯାଏ ?

(A) ବେକେଲାଇଟ୍ (B) ଏକ୍ରିଲିକ୍

(C) ଫର୍ମିକା (D) ମେଲାମାଇନ୍

15. Which of the following can be beaten into thin sheets ?

(A) Zinc (B) Sulphur

(C) Carbon (D) Iodine

15. ନିମ୍ନଲିଖିତ କେଉଁଟିକୁ ପିଟିଲେ ଏହା ପତଳା ଚଦରରେ ପରିଣତ ହୁଏ ?

(A) ଦସ୍ତା (B) ଗନ୍ଧକ

(C) ଅଙ୍ଗାରକ (D) ଆୟୋଡ଼ିନ୍

16. Which of the following is **not** a noble gas ?

(A) Helium (B) Xenon

(C) Radium (D) Radon

16. ନିମ୍ନଲିଖିତ ମଧ୍ୟରୁ କେଉଁଟି ଏକ ନିଷ୍କ୍ରିୟ ବାଷ୍ପ **ନୁହେଁ** ?

(A) ହିଲିୟମ୍ (B) ଜେନନ୍

(C) ରେଡ଼ିୟମ୍ (D) ରାଡ଼ନ୍

17. Which of the following is a thermosetting plastic ?

(A) Polythene (B) P.V.C.

(C) Nylon (D) Bakelite

17. ନିମ୍ନଲିଖିତ କେଉଁଟି ତାପଦୃଢ଼ ପ୍ଲାଷ୍ଟିକ ଅଟେ ?

(A) ପଲିଥିନ୍ (B) ପି.ଭି.ସି.

(C) ନାଇଲନ୍ (D) ବେକେଲାଇଟ୍

18. The lowest temperature at which a substance catches fire is called :

(A) Combustion temperature

(B) Boiling temperature

(C) Ignition temperature

(D) Inversion temperature

18. ଇନ୍ଧନକୁ ନିଆଁ ଧରାଇବା ପାଇଁ ସର୍ବନିମ୍ନ ତାପମାତ୍ରାକୁ କ'ଣ କୁହାଯାଏ ?

(A) ଦହନ ତାପମାତ୍ରା

(B) ସ୍ଫୁଟନ ତାପମାତ୍ରା

(C) ପ୍ରଜ୍ୱଳନ ତାପମାତ୍ରା

(D) ଉତ୍‌କ୍ରମଣ ତାପମାତ୍ରା

19. By which of the following reactions in Sun, heat and light are produced ?

(A) Chemical reaction

(B) Nuclear reaction

(C) Combination reaction

(D) Redox reaction

19. ନିମ୍ନଲିଖିତ କେଉଁ ପ୍ରତିକ୍ରିୟା ସାହାଯ୍ୟରେ ସୂର୍ଯ୍ୟ, ତାପ ଓ ଆଲୋକ ସୃଷ୍ଟି କରେ ?

(A) ରାସାୟନିକ ପ୍ରତିକ୍ରିୟା

(B) ନାଭିକୀୟ ପ୍ରତିକ୍ରିୟା

(C) ସଂଶ୍ଳେଷଣ ପ୍ରତିକ୍ରିୟା

(D) ବିଜାରଣ-ଜାରଣ ପ୍ରତିକ୍ରିୟା

20. Which one of the following isotopes is used as fuel in nuclear reactors ?

(A) Uranium (B) Cobalt

(C) Iodine (D) Chlorine

20. ନିମ୍ନଲିଖିତ କେଉଁ ଆଇସୋଟୋପ୍ ନ୍ୟୁକ୍ଲୀୟର ରିଆକ୍ଟରରେ ଜାଳେଣି ରୂପେ ବ୍ୟବହାର କରାଯାଏ ?

(A) ୟୁରେନିୟମ୍ (B) କୋବାଲ୍ଟ

(C) ଆୟୋଡ଼ିନ୍ (D) କ୍ଲୋରିନ୍

21. Cellulose is made up of a large number of __________ units.

(A) Maltose (B) Galactose

(C) Fructose (D) Glucose

21. ବହୁ ସଂଖ୍ୟକ __________ ଏକକର ସମାହାରରୁ ସେଲୁଲୋଜ୍ ପଲିମର ସୃଷ୍ଟି ହୋଇଥାଏ ।

(A) ମାଲଟୋଜ୍ (B) ଗାଲାକ୍ଟୋଜ୍

(C) ଫ୍ରୁକ୍ଟୋଜ୍ (D) ଗ୍ଲୁକୋଜ୍

22. Which of the following is formed by reacting dry slaked lime with Chlorine ?

(A) Baking soda

(B) Washing soda

(C) Bleaching powder

(D) Marble

22. ଶୁଷ୍କଶମିତ ଚୂନ ସହିତ କ୍ଲୋରିନର ରାସାୟନିକ ପ୍ରତିକ୍ରିୟା ଘଟି କ'ଣ ଉତ୍ପନ୍ନ ହୁଏ ?

(A) ଖାଇବା ସୋଡା

(B) ଧୋଇବା ସୋଡା

(C) ବ୍ଲିଚିଂ ପାଉଡ଼ର

(D) ମାର୍ବଲ

23. Which of the following metals is stored in Kerosene ?

(A) Sodium (B) Magnesium

(C) Zinc (D) Calcium

23. ନିମ୍ନଲିଖିତ କେଉଁଧାତୁକୁ କିରୋସିନ୍‌ରେ ବୁଡାଇ ରଖାଯାଏ?

(A) ସୋଡ଼ିୟମ୍ (B) ମାଗ୍ନେସିୟମ୍

(C) ଦସ୍ତା (D) କାଲସିୟମ୍

24. In which of the following category moulds are included ?

(A) Bacteria (B) Protozoa

(C) Algae (D) Fungi

24. ନିମ୍ନରେ ଦିଆଯାଇଥିବା ବିଭାଗଗୁଡ଼ିକ ମଧ୍ୟରେ ମୋଲ୍ଡସ୍ କେଉଁଟିରେ ଅନ୍ତର୍ଭୁକ୍ତ ?

(A) ବୀଜାଣୁ (B) ଆଦିପ୍ରାଣୀ

(C) ଶୈବାଳ (D) କବକ

25. The causative agent for yellow vein mosaic disease of lady's finger is a/an :

(A) Air borne fungus

(B) Insect borne virus

(C) Water borne bacteria

(D) Air borne bacteria

25. ଭେଣ୍ଡିର ହଳଦିଆ ଭେନ୍ ମୋଜାୟିକ୍ ରୋଗର କାରକଟି ହେଉଛି ଏକ :

(A) ବାୟୁବାହିତ କବକ

(B) କୀଟବାହିତ ଭୂତାଣୁ

(C) ଜଳବାହିତ ବୀଜାଣୁ

(D) ବାୟୁବାହିତ ବୀଜାଣୁ

26. The fuel that is least harmful for the environment is :

(A) LPG (B) CNG

(C) Diesel (D) Gasoline

26. ଯେଉଁ ଜାଳେଣିଟି ପରିବେଶ ପାଇଁ ସବୁଠାରୁ କମ୍ କ୍ଷତିକାରକ ତାହା ହେଉଛି :

(A) LPG (B) CNG

(C) ଡିଜେଲ (D) ଗ୍ୟାସୋଲିନ୍

27. For Cloning of Dolly, which type of sheep was used for collection of ovum ?

(A) Fin Dorset

(B) Arkha Merino

(C) Scottish Black face

(D) Leicester Long wool

27. ଡଲି କ୍ଲୋନିଂ ପାଇଁ କେଉଁ ପ୍ରକାର ମେଣ୍ଢାରୁ ଡିମ୍ବାଣୁ ସଂଗ୍ରହ କରାହୋଇଥିଲା ?

(A) ଫିନ୍ ଡୋରସେଟ

(B) ଆରଖା ମେରିନୋ

(C) ସ୍କଟିସ୍ ବ୍ଲାକ ଫେସ

(D) ଲିଷେଷ୍ଟର ଲଙ୍ଗ ଉଲ୍

28. The organism popularly known as Water Silk is :

(A) Yeast

(B) Spirogyra

(C) Aspergillus

(D) Zygomycota

29. Which of the following is **not** applicable for manure ?

(A) It increases water holding capacity of soil.

(B) It increases population of beneficial microbes.

(C) It adds large amount of humus to the soil.

(D) It carries more nutrients than fertilizer.

30. Which type of cell(s) is attacked by HIV in the body ?

(A) T-cell

(B) B-cell

(C) R.B.C.

(D) Macrophages

31. The number of Carbon atoms present in one molecule of deoxyribose sugar is :

(A) 3 (B) 4

(C) 5 (D) 6

28. ୱାଟର ସିଲ୍କ ଭାବରେ ପରିଚିତ ଥିବା ଜୀବଟି ହେଉଛି :

(A) ଇଷ୍ଟ

(B) ସ୍ପାଇରୋଗାଇରା

(C) ଆସ୍ପରଜିଲସ୍

(D) ଜାଇଗୋମାଇକୋଟା

29. ନିମ୍ନଲିଖିତ କେଉଁ ଗୁଣଟି ଖତପାଇଁ ପ୍ରଯୁଜ୍ୟ **ନୁହେଁ** ?

(A) ଏହାମାଟିର ଜଳଧାରଣ କ୍ଷମତା ବୃଦ୍ଧିକରେ ।

(B) ଏହା ଉପକାରୀ ଅଣୁଜୀବଙ୍କ ସଂଖ୍ୟା ବୃଦ୍ଧିକରେ ।

(C) ଏହା ହ୍ୟୁମସ୍ ପରିମାଣ ବୃଦ୍ଧି କରିଥାଏ ।

(D) ଏଥିରେ ରାସାୟନିକ ସାର ଅପେକ୍ଷା ଅଧିକ ପୋଷକ ତତ୍ତ୍ୱଥାଏ ।

30. ଶରୀରର କେଉଁ ପ୍ରକାର କୋଷକୁ HIV ଆକ୍ରମଣ କରିଥାଏ ?

(A) T-cell

(B) B-cell

(C) R.B.C.

(D) ମାକ୍ରୋଫେଜେସ୍

31. ଗୋଟିଏ ଡିଅକ୍ସିରାଇବୋଜ୍ ସୁଗାରରେ କେତୋଟି କାର୍ବନ ଅଣୁ ରହି ଥାଏ ?

(A) 3 (B) 4

(C) 5 (D) 6

32. In the hierarchy of classification, which of the following is included in class but **not** in the family ?

(A) Sub-species (B) Species

(C) Genus (D) Order

33. Which of the following is **not** a Stem ?

(A) Carrot (B) Potato

(C) Ginger (D) Turmeric

34. Matrix of blood is called :

(A) Plasma (B) W.B.C.

(C) R.B.C. (D) Fibrinogen

35. The eye of a person looks blue in colour because of :

(A) The colour of the pupil is blue

(B) The colour of the iris is blue

(C) The cone cells are blue in colour

(D) Aqueous humour is blue

36. The difference of sum of even numbers and sum of odd numbers between 10 and 20 is :

(A) 12 (B) $-12$

(C) 15 (D) $-15$

32. ପଦାନୁକ୍ରମରେ ନିମ୍ନୋକ୍ତ ବର୍ଗମଧ୍ୟରୁ କେଉଁଟି ଶ୍ରେଣୀରେ ଅନ୍ତର୍ଭୁକ୍ତ,ମାତ୍ର ବଂଶରେ ଅନ୍ତର୍ଭୁକ୍ତ **ନୁହେଁ** ?

(A) ଉପ-ଜାତି (B) ଜାତି

(C) ପ୍ରଜାତି (D) ବର୍ଗ

33. ନିମ୍ନୋକ୍ତ ଅଂଶମାନଙ୍କ ମଧ୍ୟରୁ କେଉଁଟି କାଣ୍ଡ **ନୁହେଁ** ?

(A) ଗାଜର (B) ଆଳୁ

(C) ଅଦା (D) ହଳଦୀ

34. ରକ୍ତରେ ଥିବା ମ୍ୟାଟ୍ରିକ୍ସର ନାମଟି ହେଉଛି :

(A) ପ୍ଲାଜ୍‌ମା (B) ଶ୍ୱେତ ରକ୍ତ କଣିକା

(C) ଲୋହିତ ରକ୍ତ କଣିକା (D) ଫାଇବ୍ରିନୋଜେନ୍

35. ଜଣେ ବ୍ୟକ୍ତିର ଆଖିର ରଂଗ ନୀଳ ଦେଖା ଯାଉଥିବାର କାରଣଟି :

(A) ନେତ୍ର ପିତୁଳା ନୀଳ ଅଟେ ।

(B) କନୀନିକା ନୀଳ ଅଟେ ।

(C) କୋନସ୍ ସେଲ୍ ନୀଳ ରଙ୍ଗର ।

(D) ଜଳାଭ ରସର ରଙ୍ଗ ନୀଳ ।

36. 10 ରୁ 20 ମଧ୍ୟରେ ଥିବା ସମସ୍ତ ଯୁଗ୍ମ ସଂଖ୍ୟାର ସମଷ୍ଟି ଓ ସମସ୍ତ ଅଯୁଗ୍ମ ସଂଖ୍ୟାର ସମଷ୍ଟି ମଧ୍ୟର ଥିବା ଅନ୍ତରଟି :

(A) 12 (B) $-12$

(C) 15 (D) $-15$

37. What decimal of an hour is a second ?

(A) 0.0025 (B) 0.0256

(C) 0.00027 (D) 0.000126

38. If the supplement of an angle is 4 times of its complement, then find the angle.

(A) 50° (B) 60°

(C) 80° (D) 100°

39. One of the exterior angle of a triangle is 72° and its interior opposite angles are in the ratio 4 : 5. The angles of the triangle are :

(A) 50°, 28° (B) 30°, 42°

(C) 28°, 44° (D) 32°, 40°

40. Which one is possible to have a triangle from the following measure ?

(A) 6 cm, 3 cm, 2 cm

(B) 5.5 cm, 2.5 cm, 2.5 cm

(C) 3 cm, 6 cm, 7 cm

(D) 2 cm, 8 cm, 3 cm

37. ଏକ ସେକେଣ୍ଡ ଏକ ଘଣ୍ଟାର କେତେ ଦଶମିକ ଅଟେ ?

(A) 0.0025 (B) 0.0256

(C) 0.00027 (D) 0.000126

38. ଯଦି ଗୋଟିଏ କୋଣରେ ପରିପୂରକ ତାହାର ଅନୁପୂରକ କୋଣର 4 ଗୁଣ ହୁଏ, ତେବେ କୋଣର ପରିମାଣ ନିର୍ଣ୍ଣୟ କର :

(A) 50° (B) 60°

(C) 80° (D) 100°

39. ଗୋଟିଏ ତ୍ରିଭୁଜର ଏକ ବହିଃସ୍ଥ କୋଣର ପରିମାଣ 72° ଓ ଏହାର ବିପରୀତ ଅନ୍ତଃସ୍ଥ କୋଣଦ୍ୱୟର ଅନୁପାତ 4 : 5 ଅଟେ, କୋଣଦ୍ୱୟର ପରିମାଣଟି :

(A) 50°, 28° (B) 30°, 42°

(C) 28°, 44° (D) 32°, 40°

40. ନିମ୍ନୋକ୍ତ ମାପଗୁଡ଼ିକ ମଧ୍ୟରୁ କେଉଁଟିରୁ ତ୍ରିଭୁଜ ହୋଇପାରିବ ?


(A) 6 cm, 3 cm, 2 cm

(B) 5.5 cm, 2.5 cm, 2.5 cm

(C) 3 cm, 6 cm, 7 cm

(D) 2 cm, 8 cm, 3 cm

**41.** Find the area of the parallelogram ABCD where AE = 16 cm, AD = 20 cm and AF = 12 cm.




(A) 262 $cm^2$ (B) 384 $cm^2$

(C) 192 $cm^2$ (D) 131 $cm^2$

**42.** Area of $\Delta ABC$ is 18 $cm^2$. If D is the midpoint of BC and E is the midpoint of AB then the area of the $\Delta BDE$ is :

(A) 9 $cm^2$ (B) 5.5 $cm^2$

(C) 3.5 $cm^2$ (D) 4.5 $cm^2$

**43.** If the wages of 15 workers for 6 days are ₹ 9450, then the wages of 19 workers for 5 days is :

(A) ₹ 9978 (B) ₹ 9976


(C) ₹ 9975 (D) ₹ 9970

**44.** The price of an article is reduced by 25%. In order to retain the original price the present price has to be increased by :

(A) 20% (B) 27%

(C) 33⅓% (D) 45½%

**41.** ABCD ସାମନ୍ତରିକ କ୍ଷେତ୍ରରେ କ୍ଷେତ୍ରଫଳ ନିରୂପଣ କର ଯାହାର AE = 16 cm, AD = 20 cm ଏବଂ AF = 12 cm ଅଟେ :




(A) 262 $cm^2$ (B) 384 $cm^2$

(C) 192 $cm^2$ (D) 131 $cm^2$

**42.** $\Delta ABC$ ର କ୍ଷେତ୍ରଫଳ 18 $cm^2$ ଅଟେ । ଯଦି BC ବାହୁର ମଧ୍ୟସ୍ଥ ବିନ୍ଦୁ D ଓ AB ବାହୁର ମଧ୍ୟସ୍ଥ ବିନ୍ଦୁ E ହୁଏ, ତେବେ $\Delta BDE$ ର କ୍ଷେତ୍ରଫଳଟି କେତେ ?

(A) 9 $cm^2$ (B) 5.5 $cm^2$

(C) 3.5 $cm^2$ (D) 4.5 $cm^2$

**43.** ଯଦି 15 ଜଣ ଶ୍ରମିକଙ୍କର 6 ଦିନର ମଜୁରି ₹ 9450 ହୁଏ ତେବେ 19 ଜଣ ଶ୍ରମକଙ୍କର 5 ଦିନର ମଜୁରି କେତେ :

(A) ₹ 9978 (B) ₹ 9976

(C) ₹ 9975 (D) ₹ 9970

**44.** ଗୋଟିଏ ଜିନିଷର ଦର 25% କମିଗଲା । ପ୍ରକୃତ ଦରକୁ ସ୍ଥିର ରଖିବା ପାଇଁ ବର୍ତ୍ତମାନ ଦରର ଦରକାର ପଡୁଥିବା ବର୍ଦ୍ଧିତ ହାରଟି ?

(A) 20% (B) 27%

(C) 33⅓% (D) 45½%

45. A certain distance is covered at certain speed. If half of the distance is covered in double the time, the ratio of two speeds is :

(A) 4 : 1 (B) 1 : 4
(C) 2 : 1 (D) 1 : 2

46. At what rate percent per annum will a sum of money double in 8 years ?

(A) 10.5% (B) 12.5%
(C) 14.5% (D) 16%

47. A can build a wall in 30 days while B alone can build it in 40 days. If they build it together and get a payment of ₹ 7000, then B's share is :

(A) 2500 (B) 4000
(C) 4500 (D) 3000

48. The range of the data 21, 6, 17, 12, 18, 8, 4, 13 is :

(A) 17 (B) 12
(C) 8 (D) 15

49. For which of the following is m=8 ?

(A) $5^m \times \frac{5^{-3}}{5^2} = 5^3$

(B) $5^m \times \frac{5^3}{5^{-3}} = 5^2$

(C) $5^m \times \frac{5^2}{5^3} = 5^3$

(D) $5^m \times \frac{5^{-2}}{5^2} = 5^2$

45. ଏକ ନିର୍ଦ୍ଦିଷ୍ଟ ଦୂରତ୍ୱକୁ ଏକ ବେଗରେ ଯାତ୍ରା କରାଗଲା । ଯଦି ଅର୍ଦ୍ଧେକ ଦୂରତ୍ୱକୁ ସମୟର ଦୁଇଗୁଣ ବେଗରେ ଯାତ୍ରା କରାଯାଏ, ବେଗଦ୍ୱୟର ଅନୁପାତଟି :

(A) 4 : 1 (B) 1 : 4
(C) 2 : 1 (D) 1 : 2

46. ଶତକଡ଼ା ବାର୍ଷିକ କେତେ ହାରରେ ଏକ ନିର୍ଦ୍ଦିଷ୍ଟ ମୂଳଧନ 8 ବର୍ଷରେ ଦ୍ୱି-ଗୁଣିତ ହେବ ?

(A) 10.5% (B) 12.5%
(C) 14.5% (D) 16%

47. A ଏକ କାନ୍ଥକୁ 30 ଦିନରେ ନିର୍ମାଣ କରିପାରେ ଯେତେବେଳେ B ଏକୁଟିଆ ତାକୁ 40 ଦିନରେ ନିର୍ମାଣ କରିପାରେ । ଯଦି ଉଭୟ ସେହିକାନ୍ଥକୁ ନିର୍ମାଣ କରି ₹ 7000 ପାଆନ୍ତି ତେବେ B ର ଭାଗଟି :

(A) 2500 (B) 4000
(C) 4500 (D) 3000

48. 21, 6, 17, 12, 18, 8, 4, 13 ତଥ୍ୟାବଳୀର ରେଂଜ :

(A) 17 (B) 12
(C) 8 (D) 15

49. ନିମ୍ନୋକ୍ତ ମଧ୍ୟରୁ କେଉଁଟି ପାଇଁ m=8 ହେବ ?

(A) $5^m \times \frac{5^{-3}}{5^2} = 5^3$

(B) $5^m \times \frac{5^3}{5^{-3}} = 5^2$

(C) $5^m \times \frac{5^2}{5^3} = 5^3$

(D) $5^m \times \frac{5^{-2}}{5^2} = 5^2$

**50.** Which of the following is a **correct** representation of binary number ?

(A) $(1210)_2$ (B) 1110

(C) $(1101)^2$ (D) $(0000)_2$

**51.** The circumference of a circle is $64\pi$. Then the area of the same circle is :

(A) $604\pi$ cm$^2$ (B) $1024\pi$ cm$^2$

(C) $1050\pi$ cm$^2$ (D) $512\pi$ cm$^2$

**52.** If $A = \{2, 4, 5, 6\}$, $B = \{3, 4, 7, 8\}$, $C = \{5, 6, 7, 8\}$ then $C - \{A \cup B\}$ is :

(A) $\{2, 4, 7\}$ (B) $\{3, 4, 5\}$

(C) $\phi$ (D) $\{5, 6, 7, 8\}$

**53.** If at same rate of interest in 2 years the simple interest is ₹ 40 and compound interest is ₹ 41, then the principal in rupees is ________.

(A) 500 (B) 400

(C) 800 (D) 820

**54.** The radius of a circle is 6 cm. The perpendicular distance from the centre of the circle to the chord which is 8 cm in length is :

(A) $\sqrt{5}$ cm (B) $3\sqrt{5}$ cm

(C) 3 cm (D) $2\sqrt{5}$ cm

**50.** ନିମ୍ନରେ ଦିଆଯାଇଥିବା ବିକଳ୍ପଗୁଡ଼ିକ ମଧ୍ୟରେ କେଉଁଟି ଦ୍ୱିକ ସଂଖ୍ୟା ଅଟେ ?

(A) $(1210)_2$ (B) 1110

(C) $(1101)^2$ (D) $(0000)_2$

**51.** ଗୋଟିଏ ବୃତ୍ତର ପରୀସୀମା $64\pi$ ଅଟେ । ତେବେ ସେହି ବୃତ୍ତର କ୍ଷେତ୍ରଫଳଟି ?

(A) $604\pi$ cm$^2$ (B) $1024\pi$ cm$^2$

(C) $1050\pi$ cm$^2$ (D) $512\pi$ cm$^2$

**52.** ଯଦି $A = \{2, 4, 5, 6\}$, $B = \{3, 4, 7, 8\}$, $C = \{5, 6, 7, 8\}$ ହୁଏ, ତେବେ $C - \{A \cup B\}$ ସେଟ୍‌ଟି :

(A) $\{2, 4, 7\}$ (B) $\{3, 4, 5\}$

(C) $\phi$ (D) $\{5, 6, 7, 8\}$

**53.** ଯଦି 2 ବର୍ଷପାଇଁ ସମସୁଧ ହାରରେ ସରଳ ସୁଧ ₹ 40 ଓ ସମୂଳ ସୁଧ ₹ 41 ହୁଏ, ତେବେ ମୂଳଧନରେ ପରିମାଣ ଟଙ୍କା :

(A) 500 (B) 400

(C) 800 (D) 820

**54.** ଗୋଟିଏ ବୃତ୍ତର ବ୍ୟାସାର୍ଦ୍ଧ 6 cm ଅଟେ, ବୃତ୍ତର କେନ୍ଦ୍ରରୁ ଏକ ଜ୍ୟା, ଯାହାର ଦୈର୍ଘ୍ୟ 8 cm, ପ୍ରତି ଅଙ୍କିତ ଲମ୍ବର ଦୂରତାଟି କେତେ ?

(A) $\sqrt{5}$ cm (B) $3\sqrt{5}$ cm

(C) 3 cm (D) $2\sqrt{5}$ cm

55. The sum of three consecutive multiples of 7 is 357. Find the smallest multiple.

(A) 112 (B) 116

(C) 119 (D) 126

55. 7 ର ଗୁଣିତକ ତିନୋଟି କ୍ରମିକ ସଂଖ୍ୟାର ସମଷ୍ଟି 357 ଅଟେ । କ୍ଷୁଦ୍ରତମ ଗୁଣିତକଟି ନିର୍ଣ୍ଣୟ କର :

(A) 112 (B) 116

(C) 119 (D) 126

56. Name the Somavamsi king of Utkal who was defeated by Chodaganga :

(A) Yayati I (B) Yayati II

(C) Karnadeva (D) Janamejaya

56. ଉତ୍କଳର କେଉଁ ସୋମବଂଶୀ ରାଜା ଚୋଡ଼ଗଙ୍ଗଙ୍କ ଦ୍ୱାରା ପରାସ୍ତ ହୋଇଥିଲେ ?

(A) ପ୍ରଥମ ଯଯାତି (B) ଦ୍ୱିତୀୟ ଯଯାତି

(C) କର୍ଣ୍ଣଦେବ (D) ଜନ୍ମେଜୟ

57. Who was the founder of the Slave dynasty ?

(A) Qutbuddin Aibak

(B) Balban

(C) Babur

(D) Akbar

57. ଦାସ ବଂଶର ପ୍ରତିଷ୍ଠାତା କିଏ ଥିଲେ ?

(A) କୁତବୁଦ୍ଦିନ୍ ଆଇବାକ୍

(B) ବଲ୍ବନ୍

(C) ବାବର

(D) ଆକବର

58. Who completed the construction of Qutb Minar ?

(A) Balban

(B) Samudragupta

(C) Qutbuddin Aibak

(D) Iltutmish

58. କିଏ କୁତବମୀନାର କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିଲେ ?

(A) ବଲ୍ବନ୍

(B) ସମୁଦ୍ରଗୁପ୍ତ

(C) କୁତବୁଦ୍ଦିନ୍ ଆଇବାକ୍

(D) ଇଲତୁତ୍ମିସ୍

59. In which year, the Second Battle of Panipat was fought ?

(A) 1526 (B) 1556

(C) 1757 (D) 1761

59. କେଉଁ ଖ୍ରୀଷ୍ଟାବ୍ଦରେ ଦ୍ୱିତୀୟ ପାନିପଥ ଯୁଦ୍ଧ ସଂଗଠିତ ହୋଇଥିଲା ?

(A) 1526 (B) 1556

(C) 1757 (D) 1761

60. Who had built the Red Fort at Delhi ?

(A) Babur (B) Humayun

(C) Akbar (D) Shahajahan

61. Who gave the opinion to introduce modern Western Education in India through English medium ?

(A) Lord Macaulay (B) James Mill

(C) Elphistone (D) Cornwallis

62. In which village, Jai Rajguru was born ?

(A) Kakatapur

(B) Brahmagiri

(C) Nuagaon

(D) Bira Harekrishnapur

63. At which place, there occurred the first symptoms of the outbreak of the Revolt of 1857 ?

(A) Delhi (B) Kanpur

(C) Barrackpore (D) Lucknow

64. In which year, there was the declaration of the "Partition of Bengal" ?

(A) 1757 (B) 1857

(C) 1885 (D) 1905

60. ଦିଲ୍ଲୀରେ କିଏ ଲାଲକିଲ୍ଲା ନିର୍ମାଣ କରିଥିଲେ ?

(A) ବାବର (B) ହୁମାୟୁନ

(C) ଆକବର (D) ଶାହାଜାହାନ

61. କିଏ ଇଂରାଜୀ ମାଧ୍ୟମରେ ପାଶ୍ଚାତ୍ୟ ଶିକ୍ଷାର ପ୍ରଚଳନ କରିବା ପାଇଁ ମତ ଦେଇଥିଲେ ?

(A) ଲର୍ଡ଼ ମାକଲେ (B) ଜେମସ୍ ମିଲ୍

(C) ଏଲଫିନ୍‌ଷ୍ଟୋନ୍ (D) କର୍ଣ୍ଣୱାଲିସ୍

62. ଜୟୀ ରାଜଗୁରୁ କେଉଁ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ?

(A) କାକଟପୁର

(B) ବ୍ରହ୍ମଗିରି

(C) ନୂଆଗାଁ

(D) ବୀର ହରେକୃଷ୍ଣପୁର

63. ପ୍ରଥମେ କେଉଁ ସ୍ଥାନରେ 1857 ବିଦ୍ରୋହର ଲକ୍ଷଣ ସୂତ୍ରପାତ ହୋଇଥିଲା ?

(A) ଦିଲ୍ଲୀ (B) କାନପୁର

(C) ବରାକ୍‌ପୁର (D) ଲକ୍ଷ୍ନୌ

64. କେଉଁ ମସିହାରେ "ବଙ୍ଗ ବିଭାଜନ" ଘୋଷଣା କରାଯାଇଥିଲା ?

(A) 1757 (B) 1857

(C) 1885 (D) 1905

65. Who is the author of "Social Contract" ?

(A) Montesquieu (B) Voltaire

(C) Rousseau (D) Mazzini

66. The boundary of which among the following States in India does **not** have a common International boundary ?

(A) Gujarat (B) Haryana

(C) Punjab (D) Rajasthan

67. Which of the following types of earth movements is quite slow but continuous ?

(A) Earthquake

(B) Landslide

(C) Plate movement

(D) Volcanic eruption

68. Between which two parallels are the Westerlies very strong ?

(A) 40° North to 50° North

(B) 05° North to 05° South

(C) 05° South to 30° South

(D) 40° South to 50° South

65. "ସୋସିଆଲ୍ କଣ୍ଟ୍ରାକ୍ଟ" ପୁସ୍ତକର ରଚୟିତା କିଏ ?

(A) ମଣ୍ଟେସ୍କୁ (B) ଭୋଲଟାୟର

(C) ରୁଷୋ (D) ମାଜିନୀ

66. ଭାରତର ନିମ୍ନୋକ୍ତ ପ୍ରଦେଶମାନଙ୍କ ମଧ୍ୟରୁ କାହାର ସୀମାରେଖା କୌଣସି ଆନ୍ତର୍ଜାତିକ ସୀମାରେଖା ସହ ସଂଯୁକ୍ତ ନୁହେଁ ?

(A) ଗୁଜରାଟ (B) ହରିୟାଣା

(C) ପଞ୍ଜାବ (D) ରାଜସ୍ଥାନ

67. ନିମ୍ନୋକ୍ତ କେଉଁ ପ୍ରକାର ଭୂଚଳନ ଅତି ଧୀର କିନ୍ତୁ ନିରବଚ୍ଛିନ୍ନ ?

(A) ଭୂମିକମ୍ପ

(B) ଭୂସ୍ଖଳନ

(C) ପ୍ଲେଟ ସଂଚାଳନ

(D) ଅଗ୍ନି ଉଦ୍‌ଗିରଣ

68. କେଉଁ ସମାକ୍ଷରେଖା ଦ୍ୱୟମଧ୍ୟରେ ପଶ୍ଚିମାବାୟୁ ଖୁବ୍ ଶକ୍ତିଶାଳୀ ?

(A) 40° ଉତ୍ତରରୁ 50° ଉତ୍ତର

(B) 05° ଉତ୍ତରରୁ 05° ଦକ୍ଷିଣ

(C) 05° ଦକ୍ଷିଣରୁ 30° ଦକ୍ଷିଣ

(D) 40° ଦକ୍ଷିଣରୁ 50° ଦକ୍ଷିଣ

69. Which of the following currents flows in a different ocean than the other three ?

(A) The Agulhas Current

(B) The New South Wales Current

(C) The Somali Current

(D) The West Australian Current

69. ନିମ୍ନୋକ୍ତ କେଉଁ ସ୍ରୋତଟି ଅନ୍ୟ ତିନୋଟିଠାରୁ ଭିନ୍ନ ସମୁଦ୍ରରେ ପ୍ରବାହିତ ହୋଇଥାଏ ?

(A) ଆଗୁଲାସ୍ ସ୍ରୋତ

(B) ନିଉ ସାଉଥ ୱେଲ୍ସ ସ୍ରୋତ

(C) ସୋମାଲି ସ୍ରୋତ

(D) ପଶ୍ଚିମ ଅଷ୍ଟ୍ରେଲିଆ ସ୍ରୋତ

70. At what degree is the temperature in Fahrenheit and Celsius scales equal ?

(A) −40° (B) 0°

(C) 32° (D) 100°

70. କେତେ ଡିଗ୍ରୀରେ ଉଭୟ ଫାରେନହାଇଟ ଓ ସେଲସିଅସ ଏକକର ତାପମାନ ସମାନ ହୋଇଥାଏ ?

(A) −40° (B) 0°

(C) 32° (D) 100°

71. 'Flowing water that remained unutilised so far' - What type of resource is this ?

(A) Developed resource

(B) Potential resource

(C) Reserve

(D) Stock

71. 'ପ୍ରବାହିତ ଜଳ ଯାହା ଏ ପର୍ଯ୍ୟନ୍ତ ବ୍ୟବହୃତ ହୋଇପାରିନାହିଁ' - ଏହା କି ପ୍ରକାର ସମ୍ବଳ ?

(A) ବିକଶିତ ସମ୍ବଳ

(B) ଗଚ୍ଛିତ ସମ୍ବଳ

(C) ସଂରକ୍ଷିତ ସମ୍ବଳ

(D) ସମ୍ବଳ ଭଣ୍ଡାର

72. Identify the odd one out :

(A) Kumuri (B) Kuruwa

(C) Penda (D) Roca

72. ବିସମଟିକୁ ବାଛିଦିଅ :

(A) କୁମୁରୀ (B) କୁରୁୱା

(C) ପେଣ୍ଡା (D) ରୋକା

73. Which among the following eco-systems has the maximum biological productivity ?

(A) The Equatorial Forests

(B) The Taiga

(C) The Temperate Forests

(D) The Tropical Grasslands

74. Which of the following metals is extensively used in the modern industries ?

(A) Aluminium (B) Chromium

(C) Copper (D) Thorium

75. Which one of the following is known as the "Electronic City of India" ?

(A) Ahmedabad (B) Bengaluru

(C) Hyderabad (D) Pune

76. When was Indian National Congress established ?

(A) 1857 (B) 1875

(C) 1885 (D) 1887

77. In which year Quit India Movement was launched ?

(A) 1919 (B) 1931

(C) 1945 (D) 1942

73. ନିମ୍ନୋକ୍ତ ପରିସଂସ୍ଥାମାନଙ୍କ ମଧ୍ୟରୁ କେଉଁଟିର ଜୈବିକ ଉତ୍ପାଦନ ସର୍ବାଧିକ ?

(A) ନିରକ୍ଷୀୟ ଅରଣ୍ୟ

(B) ଟାଇଗା

(C) ନାତିଶୀତୋଷ୍ଣ ଅରଣ୍ୟ

(D) କ୍ରାନ୍ତୀୟ ତୃଣଭୂମି

74. ଆଧୁନିକ ଶିଳ୍ପରେ ନିମ୍ନୋକ୍ତ କେଉଁ ଧାତୁର ବହୁଳ ବ୍ୟବହାର ହେଉଅଛି ?

(A) ଆଲୁମିନିୟମ୍ (B) କ୍ରୋମିୟମ୍

(C) ତମ୍ବା (D) ଥୋରିୟମ୍

75. ନିମ୍ନୋକ୍ତ କେଉଁଟିକୁ "ଭାରତର ଇଲେକ୍ଟ୍ରୋନୀକ ନଗରି" ବୋଲି କୁହାଯାଏ ?

(A) ଅହମଦାବାଦ (B) ବେଙ୍ଗାଲୁରୁ

(C) ହାଇଦରାବାଦ (D) ପୁଣେ

76. ଭାରତୀୟ ଜାତୀୟ କଂଗ୍ରେସ କେବେ ପ୍ରତିଷ୍ଠିତ ହୋଇଥିଲା?

(A) 1857 (B) 1875

(C) 1885 (D) 1887

77. କେଉଁ ମସିହାରେ ଭାରତଛାଡ଼ ଆନ୍ଦୋଳନ ଆରମ୍ଭ ହୋଇଥିଲା ?

(A) 1919 (B) 1931

(C) 1945 (D) 1942

78. Who was the President of the Constituent Assembly of India ?

(A) Dr. B.R. Ambedkar

(B) Dr. Rajendra Prasad

(C) Satchidananda Sinha

(D) Harendra Kumar Mukharjee

79. When did the Constitution of India come into force ?

(A) 15th August, 1947

(B) 26th January, 1930

(C) 26th November, 1949

(D) 26th January, 1950

80. Which part of the Constitution is related to Fundamental Duties ?

(A) Part IVA  (B) Part V

(C) Part III  (D) Part IV

81. Which Article of the Constitution provides for Right to Education ?

(A) Article 19  (B) Article 21(A)

(C) Article 22  (D) Article 23

82. Which day is observed as International Human Rights Day ?

(A) 10th December

(B) 24th November

(C) 24th October

(D) 26th January

78. ଭାରତର ସଂବିଧାନ ପ୍ରଣୟନ ସଭାର ସଭାପତି କିଏ ଥିଲେ?

(A) ଡକ୍ଟର ବି.ଆର. ଆମ୍ବେଦକର

(B) ଡକ୍ଟର ରାଜେନ୍ଦ୍ର ପ୍ରସାଦ

(C) ସଚ୍ଚିଦାନନ୍ଦ ସିହ୍ନା

(D) ହରେନ୍ଦ୍ର କୁମାର ମୁଖାର୍ଜୀ

79. ଭାରତ ସଂବିଧାନ କେବେଠାରୁ କାର୍ଯକାରୀ ହେଲା ?

(A) 15 ଅଗଷ୍ଟ, 1947

(B) 26 ଜାନୁୟାରୀ, 1930

(C) 26 ନଭେମ୍ବର, 1949

(D) 26 ଜାନୁୟାରୀ, 1950

80. ସଂବିଧାନର କେଉଁ ଭାଗ ମୌଳିକ କର୍ତ୍ତବ୍ୟ ସହ ସଂପର୍କିତ ?

(A) ଭାଗ ଚତୁର୍ଥ କ  (B) ଭାଗ ପଞ୍ଚମ

(C) ଭାଗ ତୃତୀୟ  (D) ଭାଗ ଚତୁର୍ଥ

81. ଭାରତ ସମ୍ବିଧାନର କେଉଁ ଧାରାରେ ଶିକ୍ଷା ଅଧିକାର କଥା ଅଛି ?

(A) ଧାରା 19  (B) ଧାରା 21(କ)

(C) ଧାରା 22  (D) ଧାରା 23

82. କେଉଁ ଦିବସଟିକୁ ଆନ୍ତର୍ଜାତିକ ମାନବ ଅଧିକାର ଦିବସ ରୂପେ ପାଳନ କରାଯାଏ ?

(A) ଡିସେମ୍ବର 10 ତାରିଖ

(B) ନଭେମ୍ବର 24 ତାରିଖ

(C) ଅକ୍ଟୋବର 24 ତାରିଖ

(D) ଜାନୁୟାରୀ 26 ତାରିଖ

83. Who convenes the joint session of Indian Parliament ?

(A) The Prime Minister

(B) The President

(C) The Vice-President

(D) The Speaker

83. କିଏ ଭାରତୀୟ ସଂସଦର ମିଳିତ ଅଧିବେଶନ ଆହ୍ୱାନ କରନ୍ତି ?

(A) ପ୍ରଧାନମନ୍ତ୍ରୀ

(B) ରାଷ୍ଟ୍ରପତି

(C) ଉପ-ରାଷ୍ଟ୍ରପତି

(D) ବାଚସ୍ପତି

84. At what age the Judges of the High Court retire ?

(A) 62 (B) 60

(C) 58 (D) 65

84. କେଉଁ ବୟସରେ ହାଇକୋର୍ଟରେ ବିଚାରପତିମାନେ ଅବସର ନିଅନ୍ତି ?

(A) 62 (B) 60

(C) 58 (D) 65

85. Under which article of the Indian Constitution President's Rule can be imposed in a State ?

(A) Article 352 (B) Article 356

(C) Article 360 (D) Article 354

85. ଭାରତୀୟ ସଂବିଧାନର କେଉଁ ଧାରା ଅନୁସାରେ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି କରାଯାଇ ପାରିବ ?

(A) ଧାରା 352 (B) ଧାରା 356

(C) ଧାରା 360 (D) ଧାରା 354

86. What rank does India occupy in the world with regard to the size of Population ?

(A) First place (B) Second place

(C) Third place (D) Fourth place

86. ଜନସଂଖ୍ୟା ଆକାରରେ ଭାରତ ବିଶ୍ୱର କେଉଁ ସ୍ଥାନ ଅଧିକାର କରିଅଛି ?

(A) ପ୍ରଥମ ସ୍ଥାନ (B) ଦ୍ୱିତୀୟ ସ୍ଥାନ

(C) ତୃତୀୟ ସ୍ଥାନ (D) ଚତୁର୍ଥ ସ୍ଥାନ

87. The major sources of irrigation in India are :

(A) Canals (B) Tanks

(C) Wells (D) Tubewells

87. ଭାରତରେ ଜଳସେଚନର ପ୍ରମୁଖ ଉତ୍ସଗୁଡିକ ହେଲା :

(A) କେନାଲ (B) ପୁଷ୍କରିଣୀ

(C) କୂପ (D) ନଳକୂପ

88. Green Revolution refers to an unprecedented improvement in the :

(A) Agricultural Production

(B) Industrial Production

(C) Tree Plantation

(D) Pollution Control

89. Which one of the following is **not** a natural resource ?

(A) Land (B) Dam

(C) Water (D) Minerals

90. The process of economic development that maintains environmental balance is known as :

(A) Human Development

(B) Sectoral Development

(C) Economic Progress

(D) Sustainable Development

- o 0 o -

88. ସବୁଜ ବିପ୍ଳବ ନିମ୍ନଲିଖିତ କେଉଁଟିର ଅଭୂତପୂର୍ବ ବୃଦ୍ଧିକୁ ଦର୍ଶାଏ ?

(A) କୃଷିକ୍ଷେତ୍ରର ଉତ୍ପାଦନ

(B) ଶିଳ୍ପକ୍ଷେତ୍ରର ଉତ୍ପାଦନ

(C) ଚାରାରୋପଣ

(D) ପ୍ରଦୂଷଣ ନିୟନ୍ତ୍ରଣ

89. ନିମ୍ନଲିଖିତ କେଉଁଟି ଏକ ପ୍ରାକୃତିକ ସମ୍ବଳ **ନୁହେଁ** ?

(A) ଭୂମି (B) ବନ୍ଧ

(C) ଜଳ (D) ଖଣିଜଦ୍ରବ୍ୟ

90. ଆର୍ଥନୀତିକ ଅଭିବୃଦ୍ଧି ପ୍ରକ୍ରିୟା ଯାହା ପରିବେଶଗତ ଭାରସାମ୍ୟ ବଜାୟ ରଖିଥାଏ, ତାହାକୁ କ'ଣ କୁହାଯାଏ ?

(A) ମାନବୀୟ ଅଭିବୃଦ୍ଧି

(B) କ୍ଷେତ୍ରୀୟ ଅଭିବୃଦ୍ଧି

(C) ଆର୍ଥନୀତିକ ପ୍ରଗତି

(D) ଧାରଣୀୟ ଅଭିବୃଦ୍ଧି

- o 0 o -

## Space for Rough Work

**Space for Rough Work**

SEAL

SEAL